# ନାଲ୍‌କୋକୁ 'ନବରତ୍ନ' ମାନ୍ୟତା ଓ ଆଇଆଇଟି ପ୍ରତିଷ୍ଠା ପାଇଁ ରାହୁଲଙ୍କୁ ରୁଦ୍ରଙ୍କ ପରାମର୍ଶ

ନୂଆଦିଲ୍ଲୀ,ତା୯।୩(ନି.ପ୍ର.)- ନାଲ୍‌କୋକୁ ନବରତ୍ନ ମାନ୍ୟତା ଓ ଓଡ଼ିଶାରେ ଏକ ଆଇଆଇଟି ପ୍ରତିଷ୍ଠା ପାଇଁ ରାହୁଲ ଗାନ୍ଧୀ ଉଦ୍ୟମ କରିବାକୁ ଭାରତୀୟ ଜନତା ପାର୍ଟିର ସାଂସଦ ରୁଦ୍ର ନାରାୟଣ ପାଣି ପରାମର୍ଶ ଦେଇଛନ୍ତି । ବିଜେପିର ଶ୍ରମିକ ପ୍ରକୋଷ୍ଠର ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପାଣି ରାହୁଲଙ୍କର ୪ ଦିନିଆ ଓଡ଼ିଶା ଗ୍ରସ୍ତକୁ ସ୍ୱାଗତ କରି ଏକ ବିବୃତିରେ 'କଂଗ୍ରେସ ସାଧାରଣ ସମ୍ପାଦକ ତଥା ଲୋକସଭା ସଦସ୍ୟ ଶ୍ରୀ ଗାନ୍ଧୀ ଦେଶର ଶାସକ ମେଣ୍ଟ ୟୁପିଏର ନେତୃତ୍ୱ ନେଉଥିବାବେଳେ କଂଗ୍ରେସ ଦଳର ଯେଉଁ ପ୍ରଭାବଶାଳୀ ପଦରେ ଅଛନ୍ତି, ତାହାର ସଦୁପଯୋଗ କରି ଓଡ଼ିଶାର ଦରିଦ୍ର ଜନସାଧାରଣଙ୍କର ସ୍ୱାର୍ଥ ଚରିତାର୍ଥ ପାଇଁ ଏହି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ' ବୋଲି ମତବ୍ୟକ୍ତ କରିଛନ୍ତି ।

ସାଂସଦ ଶ୍ରୀ ଗାନ୍ଧୀ ପାର୍ଲାମେଣ୍ଟର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ସ୍ଥାୟୀ କମିଟିର ସଦସ୍ୟ ରହିଥିବାରୁ ଓଡ଼ିଶାରେ ଆଇଆଇଟି ସ୍ଥାପନ କରାଯିବା ଦିଗରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ଉଚିତ । ସେ କୋରାପୁଟ ତଥା ଅନୁଗୁଳଠାରେ ନାଲ୍‌କୋ ପରିଦର୍ଶନରେ ଯାଇଥିବାରୁ ନାଲ୍‌କୋକୁ 'ନବରତ୍ନ' ମାନ୍ୟତା ମିଳିବାରେ ଯେଉଁ ଅଯଥା ବିଳମ୍ବ ହେଉଛି ସେସମ୍ପର୍କରେ ଦୃଷ୍ଟିଦେଇ ପ୍ରତିବନ୍ଧକ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ । ଖଣି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଟି. ସୁବିରାମୀ ରେଡ୍ଡୀ ତାଙ୍କ ସଙ୍ଗରେ ଥିବାରୁ ସମସ୍ୟା ସହଜରେ ସମାଧାନ ହୋଇପାରିବ । ନାଲ୍‌କୋ ଭଳି ସାର୍ବଜନୀନ କ୍ଷେତ୍ରରେ କର୍ମଚାରୀମାନଙ୍କୁ ୨୦୦୫ ଜାନୁୟାରୀରୁ ମୂଳ ଦରମାର ୫% ଡି.ଏ. ମିଶାଇ ଦରମା ଓ ଅଧିକାରୀଙ୍କୁ ବଣ୍ଟନଯୋଗ୍ୟ ଲାଭର ଅଂଶୀଦାର ହେବା ଦିଗରେ ସାହାଯ୍ୟ କରିବାକୁ ଶ୍ରୀ ପାଣି ରାହୁଲଙ୍କୁ ଅନୁରୋଧ ଜଣାଇଛନ୍ତି ।

ଶ୍ରୀ ଗାନ୍ଧୀଙ୍କ ସଙ୍ଗରେ ବୁଲି ରାଜନୈତିକ ଫାଇଦା ଓ ଶସ୍ତା ଲୋକପ୍ରିୟତା ଲକ୍ଷ୍ୟ ରଖିଥିବା ବ୍ୟକ୍ତିମାନେ ଏକଥା ରାହୁଲଙ୍କୁ ବୁଝାନ୍ତୁ ବୋଲି ଶ୍ରୀ ପାଣି ସେମାନଙ୍କୁ ଉପଦେଶ ଦେଇଛନ୍ତି ।